## ବଜ୍ରପାତରେ ୫ ଗୋରୁ ମୃତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଅନ୍ତର୍ଗତ ଉଦୟପୁର ଅଞ୍ଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀ ଜନିତ ବୃଷ୍ଟି ପାତ ଓ ବଜ୍ରପାତ ଘଟିଛି। ବଜ୍ରପାତରେ ଉଦୟପୁର ଗ୍ରାମ ଗୋବିନ୍ଦପୁର ସାହି ପାଖରେ ଥିବା ବରଗଛ ମୂଳରେ ଠିଆ ହୋଇଥିବା ଗୋରୁପଲରୁ ୫ ଗୋରୁଙ୍କ ପ୍ରାଣହାନୀ ଘଟିଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ବାଲେଶ୍ୱର ରିକ୍ସା ଚାଳକ ସଂଘର ତ୍ରୟୋଦଶ ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା 'ଭିନ୍ୟାସା'-୨୦୨୩ର ଉଦ୍‌ଯାପନୀ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ସମୟ: ମଧାହ୍ନ ୧୨ଟା।

# ଆଜି ଚନ୍ଦନେଶ୍ୱର ମହାଦେବଙ୍କ ପାଞ୍ଚ ଅର୍ଘ୍ୟ

■ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
■୧୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭୋଗରାଇ, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଗତ ୩ତାରିଖରୁ ଶୁଭାରମ୍ଭ ହୋଇଛି। ଏଥିନିମନ୍ତେ ଚନ୍ଦନେଶ୍ୱର ପୀଠ ଚଳଚଞ୍ଚଳ ହେବା ସହିତ ଓଡ଼ିଶା ସମେତ ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ-ବିହାର ସମେତ ବାଂଲାଦେଶରୁ ସହସ୍ରାଧିକ ଶୈବଭକ୍ତଙ୍କ ଆଗମନ ହୋଇଛି। ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତାଙ୍କଠାରେ ଲକ୍ଷାଧିକ ଉପବୀତଧାରୀ ଭକ୍ତଙ୍କ ସୁଅ ଛୁଟୁଥିବା ସୂଚନା ପାଇ ମନ୍ଦିର ଟ୍ରଷ୍ଟବୋର୍ଡ଼, ଜିଲା ପ୍ରଶାସନ ତତ୍ପର ହୋଇପଡ଼ିଛନ୍ତି। ରବିବାର ଜୀଉଙ୍କ ପାଞ୍ଚ ଅର୍ଘ୍ୟଦାନ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମନ୍ଦିର ମୁଖ୍ୟ ଫାଟକରୁ ବିଜୁ ପଟ୍ଟନାୟକ ଗୋଲେଇ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ବାରିକେଡ୍ କରାଯାଇଛି। ଶନିବାର ୬ ଅର୍ଘ୍ୟରେ ମହାଦେବଙ୍କଠାରୁ ମୌରସୀ ତପନ କୁମାର ପଣ୍ଡା ଆଜ୍ଞାମାଳ ନେଇ ଜୀଉଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଦେଉଳିଆ ଅଜିତ୍ ପାତ୍ର, ଉପମୌରସୀ ବୁଦ୍ଧଦେବ ପଣ୍ଡା, ଶ୍ରୀବେକିଡ଼ିଙ୍କ ସହିତ ବାଦ୍ୟକାରମାନେ କୌଳିକ ରୀତିନୀତି ଅନୁଯାୟୀ ମନ୍ଦିର ପରିକ୍ରମା ପରେ ଅର୍ଘ୍ୟଦାନ କରିଛନ୍ତି। ଚନ୍ଦନେଶ୍ୱର ଜୀଉଙ୍କ ୪କିମି ବ୍ୟାପ୍ତ ପରିଧି ମଧ୍ୟରେ ଶୈବଭକ୍ତମାନେ ବିଭିନ୍ନ କ୍ୟାମ୍ପ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯାତ୍ରୀ ନିବାସ ଓ ଲୋକଙ୍କ ଘରେ ବାସସ୍ଥାନ ନିମନ୍ତେ ଭିଡ଼ ଜମାଉଥିବାର ନଜରକୁ ଆସିଛି। ଏବେଠୁ ଚନ୍ଦନେଶ୍ୱର ବଜାରରେ ବହୁ ଦୂର ସ୍ଥାନରୁ ଦୋକାନୀମାନେ ଆସି ନିଜର ବିପଣୀ ପସରା ମେଲାଇଛନ୍ତି। ରାତି ୮ଟାରେ ଜୀଉଙ୍କ ଉଦ୍ଦେଶ୍ୟରେ ଶୈବଭକ୍ତମାନେ ଅର୍ଘ୍ୟ ଦାନ କରିପାରିବେ ବୋଲି ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଶ୍ରୀ ଶ୍ରୀ ମହାଦେବଙ୍କ ମନ୍ଦିର ବିଦ୍ୟୁତ୍ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପ୍ରସିଦ୍ଧ ମେଳାରେ ଶାନ୍ତିଶୃଙ୍ଖଳା ନିମନ୍ତେ ୧୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛି। ଏଥିସହିତ ୨ଜଣ ଏଡ଼ିସନାଲ ଏସ୍‌ପି, ୮ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୫୦ ସବ୍-ଇନ୍ସପେକ୍ଟର, ୨୩୫ ଜଣ କନଷ୍ଟେବଲ ଓ ୨୦୦ ଜଣ ହୋମ୍‌ଗାର୍ଡ଼ଙ୍କ ସମେତ ଟ୍ରାଫିକ୍ ପୋଲିସ ସଜାଗ ରହିଛନ୍ତି। ମେଳାରେ ବିଦ୍ୟୁତ୍, ପାଣି, ଶୌଚାଗାର ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ୨୪ ଘଣ୍ଟିଆ ଡେରା ପକାଇ ଟ୍ରଷ୍ଟ ବୋର୍ଡ଼ ସଦସ୍ୟ, ସେବାୟତ, ପଣ୍ଡାମାନଙ୍କୁ ଯାତ୍ରୀଙ୍କ ସୁରକ୍ଷା ତତ୍ତ୍ୱାବଧାନ କରୁଛନ୍ତି। ଏହି ପ୍ରସିଦ୍ଧ ମେଳାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଟ୍ରଷ୍ଟ ବୋର୍ଡ଼ ସଭାପତି ତଥା ବିଧାୟକ ଅନନ୍ତ ଦାସ, ମୌରସୀ ତପନ କୁମାର ପଣ୍ଡା, ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ସ୍ଥାନୀୟ ଜନପ୍ରତିନିଧିମାନେ ଶ୍ରଦ୍ଧାଳୁଙ୍କୁ ନିବେଦନ କରିଛନ୍ତି।

## ପାଇପଲାଇନ କାମ ଚାଲୁଥିବା ବେଳେ ଅଘଟଣ
## ମାଟି ଅଟଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ

**ଖଇରା, ୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବିଷ୍ଣୁପୁର ଗ୍ରାମ ନିକଟରେ ଭୂତଳ ଜଳ ପାଇପଲାଇନ କାମ ଚାଲିଥିବା ବେଳେ ମାଟି ଅଟଡା ଧସିପଡିବାରୁ ଘଟଣାସ୍ଥଳରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଜଗଦିଶ ରାମ ଓ ତାଙ୍କ ଘର ରାଜସ୍ଥାନ ବଡମେଲ ଜିଲା ଗୁଡିମଲାଣି ଅଞ୍ଚଳରେ।

ଖଇରା ଅଞ୍ଚଳରେ ଥିବା ଚାଷଜମିକୁ ଜଳସେଚିତ କରିବା ପାଇଁ ଜଳସେଚନ ବିଭାଗ ତରଫରୁ ଭୂତଳଜଳ ପାଇପ ଲାଇନ କାର୍ଯ୍ୟ ଆଗେଇ ଚାଲିଛି। ଶନିବାର ବିଷ୍ଣୁପୁର ଗ୍ରାମ ନିକଟରେ ଶ୍ରମିକମାନେ ମାଟି ଭିତରେ କାମ କରୁଥିବା ବେଳେ ମାଟି ଅଟଡା ଜଗଦିଶଙ୍କ ଉପରେ ଖସି ପଡିବାରୁ ପୋତି ହୋଇଯାଇଥିଲେ। ପାଖରେ ଥିବା କମ୍ପାନୀ କର୍ମଚାରୀମାନେ ତୁରନ୍ତ ଉପରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ବିଶ୍ୱଜିତ୍



@ମମତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଯୁବକଙ୍କ ମୃତଦେହ ଜବତ

ବାଲେଶ୍ୱର ଅଫିସ, ୮।୪-ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ହିଡିଗାଁରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଫାଙ୍କା ସ୍ଥାନ ଥିବା ଏକ ଗଛରେ ଜିନସ୍ ପ୍ୟାଣ୍ଟରେ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ମୃତକ ହେଲେ ହିଡିଗାଁର ଗୋପି ସିଟ୍ (୪୫)।

ସେ ଶୁକ୍ରବାର ସନ୍ଧ୍ୟାରେ ନିକଟସ୍ଥ ବଜାରକୁ ଯାଇଥିଲେ। ଶନିବାର ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ବିଲ ମଝିରେ ଥିବା ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

## କୂଅରେ ଗଳି ପଡ଼ିଲେ ବୃଦ୍ଧା
## ଉଦ୍ଧାର କଲା ଅଗ୍ନିଶମ ବାହିନୀ

ପାଟଣା,୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରକୋଲା ପଞ୍ଚାୟତ ସରକୋଲା ଗ୍ରାମ ପାତ୍ର ସାହିରେ ଶନିବାର କୂଅରୁ ପାଣି କାଢୁଥିବା ବେଳେ ଭାରସାମ୍ୟ ହରାଇ ଜଣେ ୬୫ ବର୍ଷୀୟା କୂଅରେ ଗଳିପଡ଼ିଥିଲେ। ୪୫ ଫୁଟ୍ କୂଅରେ ଗଳିପଡ଼ି ଗୁରୁତର ହୋଇଥିବା ବୃଦ୍ଧା ଜଣକ ହେଉଛନ୍ତି ଉକ୍ତ ଗ୍ରାମର ରେବତୀ ପାତ୍ର। ବୃଦ୍ଧାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଏକାଠି ହୋଇଥିଲେ। ଦୀର୍ଘ ୧ ଘଣ୍ଟା କାଳ ବୃଦ୍ଧା ଜଣକ କୂଅର ପଥର ଖୋଲ ଧରି ରହିଥିଲେ। ଖବର ପାଇ ଘଟଣା ସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ପରିଶ୍ରମ ପରେ ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୃଦ୍ଧାଜଣକ ବର୍ତ୍ତମାନ ସୁସ୍ଥଥିବା ଜଣାପଡ଼ିଛି।

## ଜଗନ୍ନାଥ ମନ୍ଦିରରୁ ଚୋରି

ଜଳେଶ୍ୱର, ୮।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଗୋପୀମୋହନପୁର ପଞ୍ଚାୟତର ପାବନକ୍ଷେତ୍ର ଛମୌଜ ଜଗନ୍ନାଥ ମନ୍ଦିରରୁ କେତେକ ଦୁର୍ବୃତ୍ତ ପଶି ନଗଦ ଟଙ୍କା ଅଳଙ୍କାର ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସକାଳେ ମଙ୍ଗଳ ଆରତୀକୁ ବଡ ପଣ୍ଡା ବିନୋଦ ବିହାରୀ ମହାପାତ୍ର ଆସି ଦାନବାକ୍ସ ଭଙ୍ଗାଯିବା ଓ ଠାକୁରଙ୍କର ବହୁ ରୁପା ଅଳଙ୍କାର ନ ଥିବା ଦେଖି ଟ୍ରଷ୍ଟବୋର୍ଡକୁ ଜଣାଇଥିଲେ। ଦାନବାକ୍ସରୁ ପ୍ରାୟ ୧୫ହଜାର ଟଙ୍କା ଓ ଚୋରି ହୋଇଥିବା ଅଳଙ୍କାର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ସମ୍ପାଦକ ରବୀନ୍ଦ୍ର ଜେନା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଳେଶ୍ୱର ଥାନା ଅଞ୍ଚଳରେ ଏଭଳି ଛୋଟ, ବଡ ଚୋରି ଓ ୬୦ନଂ. ଜାତୀୟ ରାଜପଥରୁ ରାହାଜାନି ହୋଇ ଆସୁଥିବା ବେଳେ ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

## ମଦ୍ୟପାନ କରି ଗାଡ଼ି ଚଳାଇ ଜଣେ ଗିରଫ

ଗୋପବନ୍ଧୁ ନଗର,୮।୪ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ବଡ଼ସାହି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ଥାନା ଅନ୍ତର୍ଗତ ଖୁଣ୍ଟାପାଳ ଗ୍ରାମର ରାମଜିତ୍ ମୁର୍ମୁ (୨୭)। ସେ ବାଇକରେ ଘରକୁ ଫେରୁଥିବା ବେଳେ ଡୁକୁରା ନିକଟରେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଏ ନେଇ (ନଂ. ୯୪/୨୩)ରେ ମାମଲା ରୁଜୁ ହେବା ସହ ପୋଲିସ ବାଇକଟିକୁ ଜବତ କରିଛି।

## 'ସ୍ୱାସ୍ଥ୍ୟ ହିଁ ସମ୍ପଦ'

ବାରିକପୁର, ୮।୪(ସ୍ୱ. ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଧୀନ ସରିଫପୁର ଅଙ୍ଗନୱାଡିଠାରେ କର୍ମୀ ସମ୍ପଦ ରାଉତଙ୍କ ପୌରୋହିତ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଓ ମମତା ଦିବସ ପାଳନ କରାଯାଇଛି। କମ୍ୟୁନିଟି ହେଲ୍‌ଥ ଅଫିସର ଅର୍ଚ୍ଚନା ପାତ୍ର ଏବଂ ଏଏନ୍‌ଏମ୍ ଜୟନ୍ତୀପ୍ରଭା ପହି ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଚିକିତ୍ସା, ଆମ୍ବୁଲାନ୍ସ ସେବା, ଗରିବ ଲୋକଙ୍କ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଅନୁବନ୍ଧିତ ଡାକ୍ତରଖାନାରେ ଚିକିତ୍ସା ସୁବିଧା ବିଷୟରେ ବୁଝାଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉତ୍ତମ ସ୍ୱାସ୍ଥ୍ୟ ସଭିଙ୍କ ପାଇଁ ଚଳିତବର୍ଷର ସ୍ୱାସ୍ଥ୍ୟ ବାର୍ତ୍ତା ଥିଲା। ଗର୍ଭବତୀ ମହିଳା, ଶିଶୁ ଓ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଆଶା ଝୁନୁ ଓଝା ଓ ଅପର୍ଣ୍ଣା ଦାସ ସଭା ପରିଚାଳନା କରିଥିଲେ।

# 'ନିଲମ୍ବନ ପ୍ରତ୍ୟାହାର ନ ହେଲେ ସବୁ ସମିତି ହେବ ଅଚଳ'



ଖବରଦାତା ସମ୍ମିଳନୀରେ ସମବାୟ ସମିତି କର୍ମଚାରୀ ସଂଘର କର୍ମକର୍ତ୍ତା।

### ଶ୍ୟାମସୁନ୍ଦରପୁର ସମବାୟ ସମିତି ସମ୍ପାଦକ ନିଲମ୍ବନ ପ୍ରସଙ୍ଗ

ତିହିଡ଼ି,୮।୪(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ସମବାୟ ସମିତି ସମ୍ପାଦକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ନ ହେଲେ ସବୁ ସମିତିକୁ ଅଚଳ କରି ଦିଆଯିବ। ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ଚେତାବନୀ ଦିଆଯାଇଛି। ଉକ୍ତ ସମିତିର ସମ୍ପାଦକ କାଳନ୍ଦୀ ଚରଣ ଦାସଙ୍କୁ ନିକଟରେ ସଭାପତି ନିଲମ୍ବନ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳପୁର ସମବାୟ ସମିତି ପରିସରରେ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆହୂତ ଏହି ସମ୍ମିଳନୀରେ ସହସମ୍ପାଦକ ଗଙ୍ଗାଧର ନାୟକ ଓ ଗୌରାଙ୍ଗ ବିଶ୍ୱାଳ, ଜନରଞ୍ଜନ ମିଶ୍ର, ବଳରାମ ସେନାପତି, ରାଧାଶ୍ୟାମ ଜେନା, ଗୋପିନାଥ ମହାନ୍ତି, ପ୍ରଦୀପ ରାଉତ, ପୀତବାସ ମଳିକ, ବ୍ଲକ ସମ୍ପାଦକ ମାୟାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକଙ୍କ ନିଲମ୍ବନ ବେଆଇନ ବୋଲି ଦର୍ଶାଇବା ସହ ତାଙ୍କୁ କାରଣଦର୍ଶାଅ ନୋଟିସ ଦିଆଯାଇ ନ ଥିଲା କିମ୍ବା କୌଣସି ରିଜୋଲ୍ୟୁଶନ ସେନେଇ କରାଯାଇ ନ ଥିବା ସେମାନେ କହିଥିଲେ। ତୁରନ୍ତ ନିଲମ୍ବନ ପ୍ରତ୍ୟାହାର କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବ୍ଲକର ସମସ୍ତ ସମିତି ସମ୍ପାଦକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରସାଳପୁର, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଆଲୁମେଦା ପଞ୍ଚାୟତ ନୁଣକୁଣ୍ଡି ସରକାରୀ ନୂତନ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଳରାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ବାଗୁଡ଼ି ସୋରସ୍ଥିତ ଆଇଟିଆଇ ଅଧ୍ୟକ୍ଷ ସୁଶାନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତଥା ସ୍କୁଲ ପରିଚାଳନା କମିଟି ସଦସ୍ୟ କୁଳମଣି ପଟ୍ଟାୟତ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତଥା କଳାହାଣ୍ଡି ଜିଲାରେ ଶିକ୍ଷକ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କିଶୋର କୁମାର ବେହେରା, ବାସୁଦେବ ମଲିକ, ଚନ୍ଦନ ବେହେରା, ଜୟନ୍ତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁ ଏବଂ ପ୍ରଧାନ ଶିକ୍ଷକ ଶମ୍ଭୁନାଥ ସାହୁ ଦ୍ୱୟଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷକଙ୍କୁ 'ପ୍ରାରମ୍ଭ' ପ୍ରଶିକ୍ଷଣ

ବୈଶିଙ୍ଗା,୮।୪(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ସଠିଲୋ ଉଚ୍ଚ ବିଦ୍ୟାଳୟ ଏବଂ ବୈଶିଙ୍ଗା ମୁନିଲାଲ ହାଇସ୍କୁଲ ପରିସରରେ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରାରମ୍ଭ' ଆରମ୍ଭ ହୋଇଯାଇଛି। ମୁନିଲାଲ ଉଚ୍ଚ ବିଦ୍ୟାଳୟଠାରେ ଶିବିରରେ ୭ କ୍ଲଷ୍ଟରର ୫୦ ପ୍ରାଥମିକ ବିଦ୍ୟାଳୟର ମୋଟ ୫୦ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ସିଆର୍‌ସିସି ମୀନକେତନ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତ, ରବୀନ୍ଦ୍ର କୁମାର ମହାନ୍ତ ଓ ଦୟାନିଧି ମହାନ୍ତ ତାଲିମ୍ ପ୍ରଦାନ କରୁଛନ୍ତି। ସଠିଲୋ ଉଚ୍ଚ ବିଦ୍ୟାଳୟ ଶିବିରରେ ମଧ୍ୟ ସମାନ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ସିଆର୍‌ସିସି ସଞ୍ଜୟ କୁମାର ପଣ୍ଡିତ, ସନ୍ତୋଷ କୁମାର ବେହେରା, ଦୟାନିଧି ମହାନ୍ତ ଓ ରଶ୍ମିତା ଭୂୟାଁ ପ୍ରଶିକ୍ଷଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ଦୁଇଟି ପର୍ଯ୍ୟାୟ ଇତିମଧ୍ୟରେ ଶେଷ ହୋଇଛି। ଆସନ୍ତା ମଙ୍ଗଳବାର ତୃତୀୟ ତଥା ଶେଷ ପର୍ଯ୍ୟାୟ ଆୟୋଜିତ ହେବ।

ତେବେ ଶିକ୍ଷକମାନଙ୍କୁ ଶିକ୍ଷାଦାନ ଭଳି ମୁଖ୍ୟ କାର୍ଯ୍ୟରୁ ଦୂରରେ ରଖି ବିଶେଷ କରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ମରୁଡ଼ି ଭଳି ସ୍ଥିତି ସୃଷ୍ଟି ହୋଇଥିବା ସମୟରେ ଏଭଳି ପ୍ରଶିକ୍ଷଣ ଶିବିର କୋମଳମତୀ ଶିଶୁମାନଙ୍କ ଉପରେ କେତେଦୂର ପ୍ରଭାବ ପକାଇବାକୁ ସକ୍ଷମ ହୋଇପାରିବ ଏବଂ ଗଣିତ ଅଧ୍ୟୟନ ପ୍ରତି ସେମାନଙ୍କୁ କେତେମାତ୍ରାରେ ଆକୃଷ୍ଟ କରିପାରିବ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି। ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ତରିକତା ଓ ଉତ୍ସର୍ଗୀକୃତ ମନୋଭାବ ହିଁ ସରକାରୀ ବିଦ୍ୟାଳୟର ଶିଶୁମାନଙ୍କୁ ସଫଳ ରାଷ୍ଟ୍ରନାୟକ ଭାବେ ଗଢ଼ି ତୋଳିବାକୁ ସକ୍ଷମ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ବକେୟା ପ୍ରାପ୍ୟ ନ ମିଳିଲେ ଆନ୍ଦୋଳନ

**ଚେତାବନୀ ଦେଲେ ଗାଁ ସାଥୀ**

ଭଦ୍ରକ ଅଫିସ, ୮।୪

ଭଦ୍ରକ ଜିଲାରେ କାର୍ଯ୍ୟରତ ଗାଁସାଥୀ (ମେଟ୍)ମାନଙ୍କର ୩ବର୍ଷର ବକେୟା ପ୍ରାପ୍ୟ ମିଳିନାହିଁ। ବାରମ୍ବାର ଆନ୍ଦୋଳନ ପରେ ଜିଲା ପ୍ରଶାସନ ଦ୍ୱାରା ହେଉଥିବା ନିଷ୍ପତ୍ତି ଓ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗାଁସାଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସେମାନଙ୍କର ଏକ ଭର୍ଚୁଆଲ ବୈଠକ ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୭ବ୍ଲକର କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ। ୩ବର୍ଷରୁ ଊର୍ଦ୍ଧ୍ୱ ହେଲା ବାକି ରହିଥିବା ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ପାଇଁ ପ୍ରଶାସନକୁ ନିବେଦନ କରାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ପ୍ରଶାସନ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ନ କଲେ ଆସନ୍ତା ମେ'ରେ ଜିଲାବ୍ୟାପୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ ଜିଲାର ସମସ୍ତ ବ୍ଲକର ବିଡିଓଙ୍କୁ ଚିଠି କରାଯାଇଛି। ଜିଲା ସଭାପତି ପ୍ରମୋଦ ସାମଲ, ସମ୍ପାଦକ ମନୋଜ ପାଢ଼ୀ, କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ବାରିକ, କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ରାଉତ, ପ୍ରଭାତ ବେହେରା, ମୀନାରାଣୀ ଦାସ, ରବୀନ୍ଦ୍ର ମାଝି, ଲୀଳାବତୀ ମଲ୍ଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗାଁସାଥୀ ସଙ୍ଗଠକ ଭର୍ଚୁଆଲ ବୈଠକରେ ଉପସ୍ଥିତ ଥିଲେ।

## ସାମୂହିକ ଛୁଟିରେ ଯିବେ ଫାର୍ମାସିଷ୍ଟ

ମୋରଡା, ୮।୪ (ଡି.ଏନ.ଏ.)

ଓଡ଼ିଶା ଫାର୍ମାସିଷ୍ଟ ସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା ଡାକ୍ତରଖାନା ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ଚଳିତମାସ ୧୭ତାରିଖରୁ ସାମୂହିକ ଛୁଟିରେ ଯିବେ। ଏନେଇ ସେମାନେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଫାର୍ମାସିଷ୍ଟମାନଙ୍କ ମୂଳ ଦରମା ବୃଦ୍ଧି ସହ ଚାକିରିର ଦୁଇବର୍ଷ ପରେ ୪୨୦୦ ଟଙ୍କାକୁ ବୃଦ୍ଧି, ଫାର୍ମାସି ଅଫିସର ଭାବେ ନାମକରଣ, ପଦୋନ୍ନତି, ୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ କାର୍ଯ୍ୟ କରିଥିବା ସମସ୍ତ ଫାର୍ମାସିଷ୍ଟଙ୍କ କାର୍ଯ୍ୟକାଳ ସହ ୬ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ଚାକିରି ଆରମ୍ଭରୁ ମିଶାଇ ୬ଟି ଇନ୍‌କ୍ରିମେଣ୍ଟ ଦେବା ଆଦି ଦାବି ରହିଛି। ଫାର୍ମାସିଷ୍ଟ ଅଜିତ ଦାସ, ଅନ୍ନପୂର୍ଣ୍ଣା ଶତପଥୀ, ରାଧାଗୋବିନ୍ଦ ଦାସ, ବିକାଶ ପାତ୍ର, ବନିତା ଜେନା, ହଳଧର ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧୦୬ ଚାଲାଣ, ୭ ଲକ୍ଷ ଜରିମାନା ଆଦାୟ

କେନ୍ଦୁଝର, ୮।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାସ୍ତାରେ ଶୂନ୍ୟ ରାସ୍ତା ଦୁର୍ଘଟଣା ପାଇଁ ପରିବହନ ଓ ପୋଲିସ ବିଭାଗ ମିଳିତ ଚଢ଼ାଉ କରି ସମୁଦାୟ ୨୧୦୬ ଚାଲାଣ କଟାଯାଇଛି। ସମୁଦାୟ ଚାଲାଣ ବାବଦକୁ ୭,୭୨,୭୯୫ ଟଙ୍କା ଫାଇନ ଆଦାୟ ହୋଇଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେଥିମଧ୍ୟରୁ ସର୍ବାଧିକ ବଡ଼ବିଲ କାର୍ଯ୍ୟାଳୟ ସ୍କାଡ୍ ଦ୍ୱାରା ୪,୦୩,୯୮୦ ଟଙ୍କା ଓ କେନ୍ଦୁଝର କାର୍ଯ୍ୟାଳୟ ସ୍କାଡ୍ ଦ୍ୱାରା ୧୩,୩୧୫ ଟଙ୍କା ଫାଇନ ଆଦାୟ କରାଯାଇଛି। ସେହିପରି ପୋଲିସ ବିଭାଗ ୩୫,୫୫୦୦ ଟଙ୍କା ଫାଇନ ଆଦାୟ କରିଥିବା ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ କହିଛନ୍ତି। ଏହି ସପ୍ତାହରେ ଜିଲାରେ ସଡ଼କ ଦୁର୍ଘଟଣା କମିଥିବା ବେଳେ ସମୁଦାୟ ୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ପତିରାଜପୁର ମେଳନ ପଡ଼ିଆ ସଫେଇ



ମହିଳା ଗୋଷ୍ଠୀଙ୍କ ଦ୍ୱାରା ପଡିଆରେ ଆବର୍ଜନା ସଫା କରାଯାଉଛି।

ଖଇରା, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳନ ୨୫ଦିନ ଧରି ଚାଲିବା ପରେ ଏବେ ଶେଷ ହୋଇଛି। ହେଲେ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇପଡିଥିବା ଏହି ପଡିଆର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇ ପଡିଥିଲା। ଗୋଳିହା ପଞ୍ଚାୟତର ୭ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଘଡେଇଙ୍କ ନେତୃତ୍ୱରେ ଶୁକ୍ରବାର ପଡିଆର ସଫେଇ କାର୍ଯ୍ୟ ହାତକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରିଛନ୍ତି। ବିଭିନ୍ନ ଗୋଷ୍ଠୀର କର୍ମକର୍ତ୍ତା ପଦ୍ମାବତୀ ଦାସ, ହେମଲତା ଦାସ, ମଞ୍ଜୁଲତା ନାୟକ, ସୁଲୋଚନା ଘଡେଇ, ଅନୀତା ମହାପାତ୍ର, ଜୟନ୍ତୀ ନାୟକ, ଅଞ୍ଜନା ଦଳେଇ, ଜୟନ୍ତୀ ସେଠୀ, ପଦ୍ମାବତୀ ପ୍ରଧାନ, ଶୁଭାରାଣୀ ପାଢୀ, ସୁଲୋଚନା ସାହୁ, ତୁଳସୀ ରାଉଳ, ପୂର୍ଣ୍ଣିମା ବାରିକ ଓ ବିନୋଦିନୀ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ସାମିଲ ଥିଲେ।

# ଆଜିଠାରୁ ମା' ତାରିଣୀଙ୍କ ଚଇତିପର୍ବ

**୭ ଦିନ ଧରି ଅନ୍ନପ୍ରସାଦ, ସାଂସ୍କୃତିକ କାର୍ଯ୍ୟକ୍ରମ**

ଘଟଗାଁ,୮।୪(ଡି.ଏନ.ଏ)

କେନ୍ଦୁଝର ଜିଲାର ଘଟଗାଁରେ ଅବସ୍ଥିତ ମା' ତାରିଣୀଙ୍କ ୮୭ତମ ଚଇତିପର୍ବ ରବିବାରଠାରୁ ଆରମ୍ଭ ହେବ। ପର୍ବ ସପ୍ତାହେ ବ୍ୟାପି ଚାଲିବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମାଗଣା ଅନ୍ନପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୦ ନମ୍ବର ଜାତୀୟ ରାଜପଥର ପୂର୍ବପାର୍ଶ୍ୱ, ପଶ୍ଚିମପାର୍ଶ୍ୱ, ଉପରଡ଼ିହା ରାସ୍ତା, ହରିଚନ୍ଦନପୁର ରାସ୍ତା, ବାଇପାସ ଓ କଲେଜଛକ ନିକଟରେ ସ୍ୱାଗତ ତୋରଣ ସହ ଆଲୋକ ଗେଟ୍ କରାଯାଇଛି। ମନ୍ଦିର ପରିସରକୁ ତାରପଲିନ ଛାଉଣି ସହ ଶୃଙ୍ଖଳା ଦର୍ଶନ ପାଇଁ ବାରିକେଡ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେହ ଭକ୍ତଙ୍କ ସମାଗମ ନେଇ ପାର୍କିଂ ବ୍ୟବସ୍ଥା କରାଯାଇଛି। ବ୍ରାହ୍ମମୁହୂର୍ତ୍ତରେ ପୂଜକମାନଙ୍କ ଦ୍ୱାରା ମା'ଙ୍କ ଷୋଡ଼ଶ ନୀତି ଅନୁଯାୟୀ ପୂଜା କରାଯିବ। ପରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହେବ। ଘଟଗାଁ ବ୍ରାହ୍ମଣ ସମାଜ ତରଫରୁ ଦେବୀସ୍ତୁତି ଓ ଗୀତାପାଠ କରାଯିବ। ସେହିପରି ପୀଠରେ ଭାଗବତ ପାଠ, ଚଣ୍ଡୀପାଠ ଓ ପାଲାମଣ୍ଡପରେ ସତ୍ୟନାରାୟଣ ପୂଜା ଚାଲିବ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର ପ୍ରତିଟି କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ତହସିଲଦାର ଜନକ ନାଏକ, ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ, ଆରଆଣ୍ଡବିର ସହକାରୀ ଯନ୍ତ୍ରୀ ଚିତରଞ୍ଜନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ୍ୱର ସେଠୀ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି ଉପସ୍ଥିତ ରହି ମନ୍ଦିର ବେଢ଼ା ଓ ବାହାରେ ଭକ୍ତଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଘଟଗାଁ ଏସ୍‌ଡିପିଓ ଓ ଥାନା ଅଧିକାରୀ ଅନୁଧ୍ୟାନ କରିଥିଲେ।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ଉଧାର ଟଙ୍କା ମାଗିବାରୁ ଅଜାଙ୍କୁ ମାଡ଼

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦୁବେଇ ପେଣ୍ଡ ଗ୍ରାମର ଜଣେ ବୃଦ୍ଧଙ୍କ ମୁଣ୍ଡକୁ ତାଙ୍କ ନାତି ପଥରରେ ଛେଚି ଫଟାଇ ଦେଇଛନ୍ତି। ଗ୍ରାମର ଶ୍ୟାମ ସୁନ୍ଦର ସେଠୀଙ୍କ ନାତି ଧବଳା ସେଠୀ (୨୨) କିଛି ଦିନ ତଳେ ଟଙ୍କା ଉଧାର ନେଇଥିଲେ। ଶୁକ୍ରବାର ଅଜା ଟଙ୍କା ମାଗିବାରୁ ନାତି ଉତ୍କ୍ଷିପ୍ତ ହୋଇ ଏକ ଅଜାଙ୍କୁ ମାଡ଼ ମାରି ଏକ ପଥରରେ ମୁଣ୍ଡକୁ ଛେଚି ଦେଇଥିଲା। ଏନେଇ ପାଟଣା ଥାନାରେ (ନଂ. ୬୯/୨୩) ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଅଲଦା କହିଛନ୍ତି।

## ସଂକ୍ଷେପରେ

### ତାଲିମ ନେଲେ ଖାଉଟି ସୁରକ୍ଷା କର୍ମୀ

ପଦ୍ମପୁର, ୮।୪ (ଡି.ଏନ.ଏ.)-କନ୍‌ଜ୍ୟୁମର କେୟାର ଇଣ୍ଡିଆ ପକ୍ଷରୁ ଭଦ୍ରକ ଜିଲା ବନ୍ତ ଛକ ନିସ୍ପୃହ ଯୋଗ ଶିକ୍ଷାକେନ୍ଦ୍ର ହଲ୍‌ରେ ସଂସ୍ଥାର ଜିଲା ସଭାପତି ଅଧିବକ୍ତା ବସନ୍ତ କୁମାର ଖିଲାରଙ୍କ ଆବାହକତ୍ୱରେ ଖାଉଟି ସୁରକ୍ଷାକର୍ମୀମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସ୍ଥାର ରାଜ୍ୟ ଅଧକ୍ଷ ପାର୍ଥସାରଥୀ ଭୂୟାଁ ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ, କାର୍ଯ୍ୟଶୈଳୀ ଓ ଆଗାମୀ ଦିନରେ କର୍ମୀମାନେ ଗ୍ରାମୀଣ ସ୍ତରରେ କିପରି ଖାଉଟିମାନଙ୍କୁ ସଚେତନ କରାଇ ସେମାନଙ୍କର ଅଧିକାର ଜାହିର କରିବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଖାଉଟି ସୁରକ୍ଷା କମିଟି ସଭାପତି ଶିବ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଶେଷରେ ଜିଲା ସଭାପତି ପ୍ରତି ବ୍ଲକରୁ ତାଲିମ ପାଇଁ ଆସିଥିବା କର୍ମୀମାନଙ୍କୁ ପ୍ରତି ପଞ୍ଚାୟତରେ ଖାଉଟି କ୍ଲବ ଗଠନ କରିବାକୁ ବ୍ଲକ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କ୍ଲବ ମାଧମରେ ଖାଉଟି ସଚେତନତା କାର୍ଯ୍ୟ ଜାରି ରହିବ ବୋଲି ସେ କହିଥିଲେ। ଜିଲାର ପ୍ରତି ବ୍ଲକରୁ ୧୦ଜଣ ଲେଖାଏ ଖାଉଟି ସୁରକ୍ଷା କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୌମ୍ୟରଞ୍ଜନ ମଲ୍ଲିକ, ସପନ ଦାସ, ଲିପାରାଣୀ ପଣ୍ଡା, ମୋନାଲିସା ନାୟକ, ବନମାଳୀ ବାରିକ, ଚନ୍ଦ୍ରକାନ୍ତ ମଲିକ, ଜ୍ୟୋତ୍ସ୍ନାରାଣୀ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୪ରୁ ବଳାଙ୍ଗୀ ମହୋତ୍ସବ

ବାରିପଦା ଅଫିସ,୮।୪

ମୟୂରଭଞ୍ଜ ଜିଲାରେ ଅବଲୁପ୍ତ ପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଓ ଶ୍ରୀବୃଦ୍ଧି ପାଇଁ ୨୦୦୩ରୁ ବାରିପଦାର ଅମ୍ବିକା ମନ୍ଦିର ନିକଟ ବୁଢ଼ାବଳଙ୍ଗ, ଚିପିଟ ଏବଂ ଇଟାଯୋଡ଼ି ନଦୀର ସଙ୍ଗମସ୍ଥଳରେ ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଛି। ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତିଠାରୁ ୫ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ବାବା ବୁଢ଼ାରାଉଳ ମଠରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଡ. ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ବିଗତ ବର୍ଷର ମହୋତ୍ସବ ଆୟୋଜନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ କହିଥିବା ବେଳେ ଫାଇନାନ୍ସ କମିଟି ଅଧକ୍ଷ ଆଇନଜୀବୀ ଅରବିନ୍ଦ ଦାସ ଆବଶ୍ୟକ ପାଣ୍ଠି ଯୋଗାଡ଼ ବାବଦରେ ଆଲୋଚନା କରିଥିଲେ। ପ୍ରତିବର୍ଷ ଭଳି ମହୋତ୍ସବ ସ୍ଥଳରେ ଅନନ୍ତ ନାରାୟଣଙ୍କ ପୂଜା ଓ ଯଜ୍ଞ ସହ ଜିଲା ଏବଂ ଜିଲା ବାହାରୁ ବହୁ ସାଂସ୍କୃତିକ ଲୋକନୃତ୍ୟ ଦଳ ଯୋଗଦେବେ। ସ୍ଥାନୀୟ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବଳାଙ୍ଗୀ ଟାଲେଣ୍ଟହଣ୍ଟ ନାମରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବ। ୯ତାରିଖ ସକାଳ ୯ଟାରୁ ପ୍ରତିଯୋଗିତା ପାଇଁ ଅଡିସନ ଡିଭାଇନ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହେବ। ସଦସ୍ୟ ନରେନ୍ଦ୍ର ମୋହନ ସେନାପତି, ପଦ୍ମନାଭ ସାହୁ, ସରୋଜ ବୋଷ, ଡ. ପିନାକୀ ମିଶ୍ର, ଅକ୍ଷୟ ମହାନ୍ତି, ରାଜୀବ ରଞ୍ଜନ ସେନାପତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଡିଜିପିଏସ୍ ସର୍ଭେ ପରେ ଖୋଲିବ ଗୁମର

କେନ୍ଦୁଝର,୮।୪(ସ୍ୱ.ପ୍ର.)


ପଥର ଖାଦାନରେ କାର୍ଯ୍ୟ ଜାରି ରହିଛି।

**ଖଣି ଖନନରେ ମାଇନିଂ ପ୍ଲାନ୍ ଉଲ୍ଲଙ୍ଘନ**
- ବାଉଣ୍ଡରି ପିଲାର ବାହାରେ ହେଉଛି ଖନନ
- ସୁରକ୍ଷା ଜୋନ୍‌ରେ ବୃକ୍ଷରୋପଣ କରାଯାଉନାହିଁ

ଲଘୁ ଖଣିଜ ସଇରାତର ସୁପରିଚଳାନା ପାଇଁ ସରକାରଙ୍କ ନୂତନ ନିୟମ ବେଆଇନ ଖଣିଜ ପଥର ଏବଂ ବାଲି ଉତ୍ତୋଳନ କରୁଥିବା ଲିଜ୍‌ଧାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନୂତନ ନିୟମ ଅନୁଯାୟୀ ଲଘୁ ଖଣିଜ ରାଜସ୍ୱ ବିଭାଗରୁ ବାଦ୍ ହୋଇ ଖଣି ବିଭାଗକୁ ହସ୍ତାନ୍ତର ହେଉଛି। ଏଥିପାଇଁ ଲିଜ୍ ପ୍ରଦାନଠାରୁ ଆରମ୍ଭକରି ପରିଚାଳନାର ତଦାରଖ କରାଯିବ। ବର୍ତ୍ତମାନ ଏହା ୩ ଜିଲାରେ କାର୍ଯ୍ୟକାରୀ ହୋଇଛି। କେନ୍ଦୁଝରରେ ମଧ ଖଣି ଖନନରେ ବ୍ୟାପକ ଅନିୟମିତତା ବା ନିୟମ ଉଲ୍ଲଙ୍ଘନ ହୋଇଛି। ତେଣୁ ଜିଲାରେ ଖଣି ହସ୍ତାନ୍ତର ପୂର୍ବରୁ ଡିଜିପିଏସ୍(ଡିଫେସିୟଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍) ସର୍ଭେ ପରେ ସବୁ ଗୁମର ଖୋଲିବ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୩ ଜିଲା ବଲାଙ୍ଗୀର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର (ଓର୍‌ସାକ) ଦ୍ୱାରା ଡିଜିପିଏସ୍ ସର୍ଭେ ଖଣି ବିଭାଗ ଏବଂ ରାଜସ୍ୱ ବିଭାଗ ଯୁଗ୍ମ ଉପସ୍ଥିତିରେ ହେଉଛି। ସର୍ଭେର ଷ୍ଟାଟସ୍ ରିପୋର୍ଟ ଖଣି ବିଭାଗ ପକ୍ଷରୁ ଜିଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟିକୁ ପ୍ରଦାନ କରାଯିବ। କମିଟିରେ ସଦସ୍ୟ ଭାବେ ଆରକ୍ଷୀ ଅଧୀକ୍ଷକ ସଦସ୍ୟ, ଡିଏଫ୍‌ଓ, ଜିଲାର ସମସ୍ତ ଉପଖଣ୍ଡର ଉପଜିଲାପାଳ, ଯୁଗ୍ମ ନିର୍ଦ୍ଦେଶକ ଭୂତତ୍ତ୍ୱ ବିଭାଗ, ମାଇନିଂ ଅଫିସର ଥିବାବେଳେ ଖଣି ଉପନିର୍ଦ୍ଦେଶକ ଆବାହକ ରହିଛନ୍ତି। ମ୍ୟାପ୍, ରେକର୍ଡକୁ ତହସିଲଦାର ଏବଂ ଓର୍‌ସାକର ଯୁଗ୍ମ ଦସ୍ତଖତରେ ନୋଟିଫାଏଡ୍ ଖଣି ଅଧିକାରୀ/ସହକାରୀ ଖଣି ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ। ଯୁଗ୍ମ ଯାଞ୍ଚ ବେଳେ ଓଏମ୍‌ଏମ୍‌ସି ( ଓଡ଼ିଶା ମାଇନିଂ ଆଣ୍ଡ ମିନେରାଲ) ରୁଲ୍ ୨୦୧୬ କୌଣସି ଅନିୟମିତତା ଏବଂ ବେଆଇନ ଖନନ ହୋଇଥିଲେ ଜିଲାସ୍ତରୀୟ କମିଟିକୁ ଅବଗତ କରିବେ।

କେନ୍ଦୁଝର ଜିଲାରେ ବହୁ ବର୍ଷ ଧରି ମାଇନିଂ ପ୍ଲାନ୍ ଉଲ୍ଲଙ୍ଘନ ହୋଇ ସଇରାତ ଗୁଡ଼ିକର ଖନନ ହୋଇଛି। କେତେକ ସ୍ଥାନରେ ଲିଜ୍ ବାହାରେ ଖଣି ଖନନ ହୋଇଛି। ଜିଲାରେ ଶତାଧିକ ପଥର, ବାଲି ସଇରାତ ରହିଥିଲେ ହେଁ ମୋଟ ୬୫ଟି କାର୍ଯ୍ୟକ୍ଷମ ରହିଛି। ପ୍ରତ୍ୟେକ ଖଣିର ମାପଚୁପ କରାଯାଉ ନ ଥିବାରୁ କେତେ ପରିମାଣର ମୋରମ, ମାଟି, ବାଲି ଏବଂ ପଥର ଉତ୍ତୋଳନ ହେଉଛି ତାହାର ବାସ୍ତବ ରିପୋର୍ଟ ରାଜସ୍ୱ ବିଭାଗ ନିକଟରେ ନାହିଁ। ଖାଦାନ ନାଚୁରାଲ ଗ୍ରାଉଣ୍ଡଠାରୁ ୬ ମିଟର ତଳକୁ ଖୋଳିବା ନିୟମ ନ ଥିଲେ ମଧ ଅନେକ ଖଣି ୧୦ ମିଟର ତଳକୁ ଖାଦାନ ଖୋଳୁଛନ୍ତି। ଫଳରେ ବନ୍ୟଜନ୍ତୁ ଏବଂ ଗୃହପାଳିତ ପଶୁପକ୍ଷୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବାଉଣ୍ଡରି ପିଲାର ବାହାରେ ଅନୁମତି ପରିମାଣଠାରୁ ଅଧିକ ଖନନ କରାଯାଉଛି। ପରିବେଶ ସୁରକ୍ଷା ପାଇଁ ସୁରକ୍ଷା ଜୋନ୍ ମଧରେ ବୃକ୍ଷରୋପଣ କରାଯାଇନାହିଁ। ଏସବୁ ନିୟମ ପାଳନ ନ କରି ମନଇଚ୍ଛା ଲଘୁ ଖଣିଜ ସମ୍ପଦ ଉତ୍ତୋଳନ କରାଯାଉଛି। ଏପରକି ସୁରକ୍ଷା ଜୋନ୍‌ରେ ଖନନ ହେଉଛି। ଖଣି ବିଭାଗକୁ ହସ୍ତାନ୍ତର ପୂର୍ବରୁ ଡିଜିପିଏସ୍ ସର୍ଭେ ହେଲେ ଦୀର୍ଘ ବର୍ଷ ଧରି ଚାଲିଥିବା ବେଆଇନ ଖଣିଖନନ ଜଣାପଡ଼ିବ ବୋଲି ପରିବେଶବିତ୍ କହିଛନ୍ତି। ଏନେଇ ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି, ଏହି ନିୟମ ଲାଗୁ ହେଲେ ଜିଲାରେ ବେଆଇନ ଖଣି ଖନନ ଓ ଖଣି ବାହାରେ ଖନନ ଆଦି ଉପରେ ଅଙ୍କୁଶ ଲାଗିବ। ଫଳରେ ଚୋରା କାରବାର କମିବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇବ। ପରିବେଶର ସଂରକ୍ଷଣ ମଧ କରାଯାଇପାରିବ ବୋଲି ସେ କହିଥିଲେ।

ବରିଷ୍ଠ ସାମାଜିକ କର୍ମୀ ଅକ୍ଷୟ ପଟ୍ଟନାୟକ କହିଛନ୍ତି, ଖଣି ମହାଦୁର୍ନୀତି ପରେ ଲଘୁ ଖଣିଜ ଖନନ ଓ ପରିଚାଳନାରେ ବ୍ୟାପକ ଦୁର୍ନୀତି ହୋଇଛି। ଲିଜ୍ ଅଞ୍ଚଳର ସୀମା ନିର୍ଦ୍ଧାରଣ କରାଯାଉ ନ ଥିବାରୁ ବାହାରେ ଖନନ ହେଉଛି। ଉପଯୁକ୍ତ ତଦାରଖ ଅଭାବରୁ ବହୁ ତଳକୁ ଖନନକରି ପରିବେଶ ପାଇଁ ବିପଦ ସୃଷ୍ଟି କରାଯାଉଛି। ଅବିଚାରିତ ଖନନ ଯୋଗୁ ବନ୍ୟପ୍ରାଣୀଙ୍କ ପାଇଁ ମଧ ବିପଦ ସୃଷ୍ଟି କରୁଛି। ତେଣୁ ଏହି ନିୟମ ନିଶ୍ଚିତ ଭାବରେ ବେଆଇନ କାମ ଉପରେ ଅଙ୍କୁଶ ଲଗାଇବ ଓ ସରକାର ଲାଭବାନ୍ ହେବେ ବୋଲି ସେ କହିଛନ୍ତି।

## ରଗଡ଼ା ପ୍ରାଥମିକ ବିଦ୍ୟାଳୟ
# ପ୍ରଧାନ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ତେଲକୋଇ, ୮।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ କରଦାଙ୍ଗୀ ପଞ୍ଚାୟତ ରଗଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛବିଲାଲ ମହାକୁଡ଼ ( ୪୨) ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କେନ୍ଦୁଝର ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଗୋଡ଼ ଭାଙ୍ଗିବା ସହିତ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଶିକ୍ଷକଙ୍କ ଘର ତେଲକୋଇ ଥାନା ଛାମୁଣ୍ଡ ଗ୍ରାମରେ ହୋଇଥିବା ବେଳେ ସେ ବିଦ୍ୟାଳୟ ପରିସରରେ ରହୁଥିଲେ। ଶୁକ୍ରବାର ରାତିରେ ରୁମ୍‌ରେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ପଶି ତାଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟି ଶୁଣି ଗ୍ରାମବାସୀ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କୁ ଦେଖି ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଆକ୍ରମଣର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ‘ସୁଯୋଗ ଦିଆଗଲେ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ହୋଇପାରିବ’


ଅତିଥିଙ୍କ ଗହଣରେ ପୁରସ୍କୃତ କୃତି ଛାତ୍ରୀଛାତ୍ର।

ସିମୁଳିଆ, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବାଡୁଳିର ଖଜୁରେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୁରଲୀଧର ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ଗୋଷ୍ଠୀ ସମ୍ବଳ ସଂଯୋଜକ ବିଶ୍ୱମ୍ଭର ପଣ୍ଡା ଯୋଗଦେଇ ଆବଶ୍ୟକତା ଅନୁସାରେ ସୁଯୋଗ ଦିଆଗଲେ ଶିଶୁମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ହୋଇପାରିବ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ମାର୍କୋଣା ନୋଡ଼ାଲ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଅଭିଭାବକ, ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ସମନ୍ୱୟରେ ଶିକ୍ଷାର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୋ ସ୍କୁଲ ଅଭିଯାନର ସଭାପତି ନିମାଇଁ ଚରଣ ଯେନା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପ୍ରଭାକର ଯେନା, ସଂଯୋଜକ ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ବାରିକ ମଞ୍ଚ ସଞ୍ଚାଳନା କରିଥିବା ବେଳେ ସମ୍ମାନନୀୟ ଅତିଥି ରୂପେ ସିଆରସିସି ପୀତବାସ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ, ଶିକ୍ଷୟିତ୍ରୀ ବିଭାସିନୀ ପ୍ରଧାନ ମଞ୍ଚ ଆହ୍ୱାନ ଓ ଶିକ୍ଷକ ଖଗେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ୭୦ଜଣ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏହି ବିଦ୍ୟାଳୟର ପୁରାତନ ତଥା ଡାକ୍ତରୀ ଛାତ୍ର ଧନଞ୍ଜୟ ମଳିକ ଓ ଅଜୟ କୁମାର ପାକଳଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିଧବା ଭତ୍ତା ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ

କୋଡପଡ଼ା,୮।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ୍ ଇନ୍ଦୁପୁରା ଗ୍ରାମର ସୌଦାମିନୀ ଜେନା ବିଧବା ଭତ୍ତାରୁ ବଞ୍ଚିତ ରହିଛନ୍ତି। ଦୀର୍ଘ ବର୍ଷେ କାଳ ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟ ଦୌଡୁଥିଲେ ମଧ ଯୋଜନାରେ ନାମ ଚଢ଼ିପାରୁନାହିଁ। ନିରାଶ ହୋଇ ଶେଷରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଗୁହାରୀ ଜଣାଇଛନ୍ତି। ସୂଚନା ଅନୁଯାୟୀ, ସୌଦାମିନୀଙ୍କ ସ୍ୱାମୀଙ୍କର ୧ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ୧୦ ମାସ ପୂର୍ବେ ସୌଦାମିନୀ ଅନ୍‌ଲାଇନରେ ଭତ୍ତା ପାଇଁ ଆବେଦନ କରିଥିଲେ। ମାତ୍ର ତାହା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରି ନାହିଁ। ଆର୍ଥିକ ପରିସ୍ଥିତି ଭଲ ନ ଥିବା ବେଳେ ମୁଣ୍ଡ ଉପରେ ଦୁଇଟି ଝିଅଙ୍କ ପାଠ ପଢ଼ା ଖର୍ଚ୍ଚ ତାଙ୍କୁ ମାନସିକ ଭାବେ ଦୁର୍ବଳ କରିଦେଇଛି। ଏ ନେଇ ସେ ବାରମ୍ବାର ଘଷିପୁରା ବିଡିଓଙ୍କୁ ଅବଗତ କରାଇଥିଲେ ମଧ କିଛି ଫଳ ନ ମିଳିବାରୁ ଉପଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଉପଜିଲାପାଳ ଉଚିତ ନ୍ୟାୟ ଦେବେ ବୋଲି ସୌଦାମିନୀ ଆଶା ବାନ୍ଧି ବସିଥିବା କହିଛନ୍ତି।

# ଦ୍ୱାରିକାରେ ଲକ୍ଷ୍ମୀନାରାୟଣ ପୂଜା

ବାହାନଗା, ୮।୪(ଡି.ଏନ.ଏ.)



ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ଦ୍ୱାରିକା ଗ୍ରାମରେ ଚୈତ୍ରପୂର୍ଣ୍ଣିମା ଉପଲକ୍ଷେ କୈବର୍ତ୍ତ୍ୟମାନଙ୍କ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଛି। ପୂଜାମଣ୍ଡପ ପରିସରରେ ସୋର ବିଧାୟକ ଯୋଗଦେଇ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିବା ସହିତ ପୂଜାମଣ୍ଡପକୁ କିପରି ସ୍ଥାୟୀ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଏହାସହିତ ଗ୍ରାମର ଉନ୍ନୟନ କାର୍ଯ୍ୟ ବିଷୟରେ ଲୋକେ ଅଭିଯୋଗ କରିଥିଲେ। ଏହି ଅବସରରେ କୈବର୍ତ୍ତ୍ୟମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇ ନ ଥାନ୍ତି। ତେବେ ପୂଜା ନିମନ୍ତେ କଳସ ଶୋଭାଯାତ୍ରା କରାଯିବା ସହିତ ଆଡମ୍ବରରେ ପୂଜା ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀନାରାୟଣ ପୂଜାମଣ୍ଡପ ନିକଟକୁ ଗ୍ରାମବାସୀ ଶୋଭାଯାତ୍ରାରେ ସୋର ବିଧାୟକ ପର୍ଶୁରାମ ଧଡାଙ୍କୁ ପାଛୋଟି ନେଇଥିଲେ। ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସମ୍ପାଦିକା ସବିତା ଅଗସ୍ତି, ମନୋଜ ପାଣ୍ଡିଆ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁମନ୍ତ ନାୟକ, ୨୦ନମ୍ବର ଜିଲା ପରିଷଦ ସଭ୍ୟ ଶିଶିର ଅଗସ୍ତି, ଗଣେଶ ପଣ୍ଡା, ବ୍ଲକ ଉପାଧକ୍ଷ ବାସନ୍ତୀ ପତି, ମଧୁସୂଦନ ଶିଆଳ, ଗୌରହରି ନାୟକ, ପୂଜାମଣ୍ଡପ ମୁଖ୍ୟ ପୁରୁଷୋତ୍ତମ ଦଳେଇ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ଠାକୁରମୁଣ୍ଡା,୮।୪(ଡି.ଏନ.ଏ.)

ଠାକୁରମୁଣ୍ଡା ବ୍ଲକ ଦିଗଧର ନୂଆସାହିଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ,ସମ୍ମାନୀତ ଅତିଥି ଠାକୁରମୁଣ୍ଡା ଏବଇଓ ଭାଗ୍ୟରଥୀ ମହାନ୍ତି, ପରିଚାଳନା କମିଟିର ସମ୍ପାଦକ ଉମ୍ବରୁଧର ମହାନ୍ତ, ମୁଖ୍ୟବକ୍ତା ଭାବେ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଯୋଗେନ୍ଦ୍ର ନାଥ ମହାନ୍ତ ସଭାରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ପାତ୍ର ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା,ବେଶ,କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଭିନ୍ନପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିରର ଗୁରୁମା, ଗୁରୁଜୀ ଓ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆତଙ୍କ ଖେଳାଇଲେ ଝାଡ଼ଖଣ୍ଡୀ ହାତୀ
## ନଷ୍ଟ କଲେ ୧୦୦ ଏକରରୁ ଊର୍ଦ୍ଧ୍ୱ ଧାନ ଚାଷ

ରାଇବଣିଆ/ଜଳେଶ୍ୱର, ୮।୪(ଡି.ଏନ.ଏ.)


ବନବିଭାଗ କର୍ମଚାରୀ ଓ ଗ୍ରାମବାସୀ ହାତୀ ଘଉଡ଼ାଉଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ପଞ୍ଚାୟତରେ ଶୁକ୍ରବାର ରାତିରେ ପଶ୍ଚିମବଙ୍ଗ ସୀମା ପଟୁ ୩୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ପଶି ପାଖପାଖି ୧୦୦ ଏକରରୁ ଊର୍ଦ୍ଧ୍ୱ ଧାନ ଚାଷ ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ରାଇବଣିଆ ଫରେଷ୍ଟ ରେଞ୍ଜ ଅଧିକାରୀମାନେ ହାତୀ ଘଉଡ଼ାଇବା ପରିବର୍ତ୍ତେ ବାଣ ନାହିଁ କହି ଚୁପ୍ ରହିଥିଲେ। ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ପରେ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ହାତୀକୁ ଘଉଡ଼ାଇବା ପାଇଁ ସକ୍ଷମ ହୋଇଥିଲେ। ସୁବଳ ମହାନ୍ତ, ଶରତ ସାସମଲ୍, ଗିରିଜା ଶଙ୍କର ସାସମଲ୍, ହରିଶ ଚନ୍ଦ୍ର ସାମଲ, ଶୀତଳ ସାସମଲ୍, ମେଘନାଥ ମହାନ୍ତ, ତପନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, କ୍ଷିତୀଶ ମହାନ୍ତ, ହରିଶ୍ ଚନ୍ଦ୍ର ସାସମଲ୍, ମହେନ୍ଦ୍ର ମହାନ୍ତ, ଦନାର୍ଦ୍ଦନ ମହାନ୍ତ ପ୍ରମୁଖ ଚାଷୀଙ୍କ କ୍ଷତି ଘଟିଥିବା ଅଭିଯୋଗ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

# ଏକାଦଶାହରେ ବନ୍ଦନାଙ୍କ ସ୍ମୃତିଚାରଣ

ଭଦ୍ରକ ଅଫିସ, ୮।୪ (ସ୍ୱ.ପ୍ର.)

ସ୍ୱାସ୍ଥ୍ୟ ସେବିକା ସ୍ୱର୍ଗତ ବନ୍ଦନା ମିଶ୍ରଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଭଦ୍ରକ ଜଗନ୍ନାଥପୁରସ୍ଥିତ ବାସଭବନଠାରେ ଖବରଦାତା ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ତଥା ପ୍ରାକ୍ତନ ବ୍ଲକ ଅଧକ୍ଷ ମଳୟ ଜେନା ଏବଂ ସମ୍ମାନିତ ଅତିଥି ଭାବେ ଅଧାପକ ନିହାର ରଞ୍ଜନ କର, ଜିଲା ଭାଜପା ମହିଳା ସଭାନେତ୍ରୀ କଳ୍ପନା ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ଚଇତାଳି ଖିଲାର, ଡା. ପ୍ରତିମା ମିଶ୍ର, ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଡା. ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଜୟ ପଣ୍ଡା, ପଦ୍ମଲୋଚନ ମିଶ୍ର, ଭିକ୍ଷାକାରୀ ଦାଶ, ମନୋଜ ମିଶ୍ର, ଦୀପକ ମିଶ୍ର, ଜ୍ୟୋତ୍ସ୍ନାରାଣୀ ମିଶ୍ର, ଅଞ୍ଜନା ମିଶ୍ର, ସ୍ୱପ୍ନାରାଣୀ ମିଶ୍ର, କଳ୍ପନା ମିଶ୍ର, ଜ୍ୟୋତ୍ସ୍ନା ମିଶ୍ର, ଚାରୁଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସ୍ମୃତିସଭାରେ ଉପସ୍ଥିତ ଅତିଥି।

# ପୋତିହୋଇପଡ଼ିଛି ବ୍ରିଟିଶ ଅମଳର ନାଜର ନାଳ


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ପୌରାଧକ୍ଷା ଗୁଲମକ୍କୀ ହବିବ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

- ସହରର ବର୍ଷାଜଳ ନିଷ୍କାସନରେ ବାଧକ
- ପୁନରୁଦ୍ଧାର କାର୍ଯ୍ୟ ସାରିବାକୁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ

ଭଦ୍ରକ ଅଫିସ, ୮।୪

ଭଦ୍ରକ ସହର ବନ୍ତ ଛକରୁ ବାହାରି କଚେରୀ ବଜାର ଓ ପୁରୁଣାବଜାର ଦେଇ ଯାଇଛି ବ୍ରିଟିଶ ଅମଳର ନାଜର ନାଳ। ଏହି ନାଳ ବିଭିନ୍ନ ସ୍ଥାନରେ ପୋତି ହୋଇ ପଡ଼ିଥିବା ବେଳେ କେତେକ ସ୍ଥାନରେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହି ନାଳ ଦେଇ ସହରର ସମସ୍ତ ମଇଳା ଓ ବର୍ଷାଜଳ ନିଷ୍କାସନ ହୋଇଥାଏ। କଚେରୀ ବଜାରଠାରେ ଅଳିଆ ପକାଇବା ଦ୍ୱାରା ନାଳ ପୋତି ହୋଇଯାଇଥିବାରୁ ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଛି।

୩ ବର୍ଷ ତଳେ ୮ କୋଟି ଟଙ୍କାର ଟେଣ୍ଡର କରାଯାଇ ନାଳ ନିର୍ମାଣ ନିମନ୍ତେ ପୌରପାଳିକା ପକ୍ଷରୁ ଯୋଜନା ହୋଇଥିଲା। ଭଦ୍ରକର ଡଗମୁଣ୍ଡ କେନାଲଠାରୁ ଡ୍ରେନ୍ ତିଆରି ହୋଇ ଜିଲା ପରିଷଦ ଅଫିସ୍ ଦେଇ ବନ୍ତଛକ ଏଲ୍‌ଆଇସି ଅଫିସ ପାଖ ପର୍ଯ୍ୟନ୍ତ କାର୍ଯ୍ୟ ଏକପ୍ରକାର ସମ୍ପୂର୍ଣ୍ଣ ହୋଇଛି। ଭଦ୍ରକ ନେହେରୁ ଷ୍ଟାଡିୟମଠାରୁ ବନ୍ତଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇ ଏହି ନାଜର ନାଳ ସହ ସଂଯୋଗ କରାଯାଇଛି। ଏଲ୍‌ଆଇସି ଅଫିସଠାରୁ କଚେରୀ ବଜାର ପର୍ଯ୍ୟନ୍ତ କାର୍ଯ୍ୟ ନିର୍ମାଣାଧୀନ ରହିଛି। ପୌରପାଳିକାର ପ୍ରାୟ ୧୫ଟି ୱାର୍ଡର ବର୍ଷାଜଳ ଏହି ନାଳ ଦେଇ ନିଷ୍କାସନ ହୋଇଥାଏ। ବର୍ଷାଦିନ ପୂର୍ବରୁ ଏହି ନାଳର ପୁନରୁଦ୍ଧାର ପାଇଁ ଦାବି ପରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଦୁଇଦିନ ତଳେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତାଙ୍କ ସହ ପୌରାଧକ୍ଷା ଗୁଲମକ୍କୀ ହବିବ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ସ୍ଥାନୀୟ କାଉନସିଲରମାନେ ଉପସ୍ଥିତ ଥିଲେ। ନାଳର ସଫେଇ ଓ ନିର୍ମାଣାଧୀନ କାର୍ଯ୍ୟ ଶେଷ କରିବା ପାଇଁ ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ‘ବିନ୍ୟାସ-୨୦୨୩’ରେ ୨୨୫ ଯୋଗ ଶିକ୍ଷାର୍ଥୀ

ବାଲେଶ୍ୱର ଅଫିସ, ୮।୪

ବାଲେଶ୍ୱର ଏଡ଼ିଏମ୍ ଛକ ସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ବାଲେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିୟର ଆଣ୍ଡ ଯୋଗିକ୍ ସାଇନ୍ସ ଦ୍ୱାରା ପରିଚାଳିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତା ‘ବିନ୍ୟାସ-୨୦୨୩’ ଶନିବାର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡା. ଚିତ୍ତରଞ୍ଜନ ସାହୁ ଅଧକ୍ଷତା କରିବା ସହିତ ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖବରଦାତା ସୃଷ୍ଟିଧର ପରିଡ଼ା, ସମିତିସଭ୍ୟା ଶାନ୍ତା ଦାସ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଜ୍ଞାନରଞ୍ଜନ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ । ବାଲେଶ୍ୱର ଯୋଗ ସମିତିର ସମ୍ପାଦକ ସୁଜିତ ଜେନା ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳର ଯୋଗ ମହାବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କରୁ ୭୦ ଜଣ ଓ ରାଜ୍ୟ ବାହାରୁ ୩୦ ଜଣଙ୍କ ସମେତ ସ୍ଥାନୀୟ ପ୍ରତିଯୋଗୀଙ୍କୁ ମିଶାଇ ମୋଟ୍ ୨୨୫ଜଣ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରୁ ଚାମ୍ପିୟନ ବଛାଯାଇ ସେମାନଙ୍କୁ ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ହେଲଦିଲାଇଫ ପକ୍ଷରୁ ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ

